# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 February – 2026

********************************

## ମୁଖ୍ୟ ସମ୍ବାଦ

- ଦେଶବାସୀଙ୍କୁ ନାଗରିକ କୈନ୍ଦ୍ରିକ ଶାସନ ସୁବିଧା ଯୋଗାଇବା ପାଇଁ ନୂଆଦିଲ୍ଲୀରେ ସେବା ତୀର୍ଥ ଓ କର୍ତ୍ତବ୍ୟ ଭବନର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ୬୦ ରୁ ୭୫ ବର୍ଷ ବୟସ୍କ ଆର୍ଥିକ ଅନଗ୍ରସର  ନାଗରିକମାନଙ୍କ ପାଇଁ ନିଶୁଳ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ପଙ୍କୋଦ୍ଧାର ଏକାଦଶୀ ତିଥିରେ ପୁରୀ ଶ୍ରୀଶ୍ରୀଲୋକନାଥ ଆଜି ଶ୍ରଦ୍ଧାଳୁଙ୍କୁ ଦେଉଛନ୍ତି ଦର୍ଶନ
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା କାହ୍ନୁଚରଣ ଲେଙ୍କାଙ୍କର ପରଲୋକ

ଏବଂ

- ଶିକ୍ଷା, ଜନସଚେତନତା ଓ ମନୋରଞ୍ଜନ କ୍ଷେତ୍ରରେ ରେଡିଓର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ମରଣ କରି ଆଜି ପାଳନ କରାଯାଉଛି ବିଶ୍ୱ ରେଡିଓ ଦିବସ : ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

## ପି.ଏମ୍.-ସେବାତୀର୍ଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ସେବା ତୀର୍ଥ ଭବନର ନାମଫଳକକୁ ଉନ୍ମୋଚନ କରିଛନ୍ତି। ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ସେବାତୀର୍ଥ ଏବଂ କର୍ତ୍ତବ୍ୟ ଭବନ ପ୍ରଥମ ଓ ଦ୍ୱିତୀୟର ଉଦ୍‌ଘାଟନ କରିବେ। ପରେ ଶ୍ରୀ ମୋଦୀ ଜନସାଧାରଣଙ୍କୁ ସେଠାରେ ସମ୍ବୋଧନ କରିବେ।

ସେବାତୀର୍ଥରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଓ କ୍ୟାବିନେଟ୍ ସଚିବାଳୟ ରହିଛି । ସେଠାରେ ପ୍ରଶାସିନକ କାର୍ଯ୍ୟ ପାଇଁ ସମସ୍ତ ଆଧୁନିକ ବ୍ୟବସ୍ଥା କରାଯାଇଛି । କର୍ତ୍ତବ୍ୟ ଭବନ ପ୍ରଥମ ଓ ଦ୍ୱିତୀୟରେ ଅନେକଗୁଡ଼ିଏ ପ୍ରମୁଖ ମନ୍ତ୍ରଣାଳୟ ରହିଛି । ଦେଶବାସୀଙ୍କୁ ଆଧୁନିକ, ଦକ୍ଷ, ସୁଗମ ଏବଂ ନାଗରିକକୈନ୍ଦ୍ରିକ ଶାସନ ବ୍ୟବସ୍ଥା ଯୋଗାଇଦେବା କ୍ଷେତ୍ରରେ ଏହା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି।

## ମୁଖ୍ୟମନ୍ତ୍ରୀ-ଶ୍ରୀଜଗନ୍ନାଥ

ରାଜ୍ୟର ଅସ୍ମିତା ଓ ଅନନ୍ୟ ଐତିହ୍ୟର ସୁରକ୍ଷା ସହ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନବରଙ୍ଗପୁର ଜିଲ୍ଲାରୁ ଆଜି ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରି ଶ୍ରୀ ମାଝୀ କହିଛନ୍ତି, ପ୍ରତ୍ୟେକ ଅଂଚଳରେ ସାମଗ୍ରିକ ଓ ସନ୍ତୁଳିତ ବିକାଶର ଧାରାକୁ ପହଞ୍ଚାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ଆର୍ଥିକ ଅନଗ୍ରସର ନାଗରିକଙ୍କ ପାଇଁ ନିଶୁଳ୍କ ଶ୍ରୀଜଗନ୍ନାଥ ଦର୍ଶନର ସୁବିଧା ପ୍ରଦାନ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରୁ ୧୬୦ ଜଣ ହିତାଧିକାରୀଙ୍କୁ ନେଇ ୪ଟି ବସ୍ ପୁରୀ ଅଭିମୁଖେ ଯାତ୍ରା କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O - (CM)**

ପର୍ଯ୍ୟାୟକ୍ରମେ ଅନ୍ୟ ଜିଲ୍ଲାରୁ ମଧ୍ୟ ହିତାଧିକାରୀ ଏହି ଯୋଜନାରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପୁରୀ ଅଭିମୁଖେ ଯାତ୍ରା କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାରେ ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି।

## ଲୋକସଭା-ଶିଳ୍ପ ସଂହିତା

ଲୋକସଭାରେ ଶିଳ୍ପ ସମ୍ବନ୍ଧ ସଂହିତା (ସଂଶୋଧନ) ବିଧେୟକ-୨୦୨୬ ପାରିତ ହୋଇଛି। ଶ୍ରମିକମାନଙ୍କୁ ନ୍ୟୂନତମ ମଜୁରୀ ପ୍ରଦାନ କରିବା ଏବଂ ନିର୍ଦ୍ଧାରିତ ନ୍ୟୂନତମ ମଜୁରୀ ପୁଣି ହ୍ରାସ କରିବା ଲାଗି ରାଜ୍ୟଗୁଡ଼ିକୁ ଅନୁମତି ନ ଦେବା ଭଳି ବ୍ୟବସ୍ଥା ଏ ସଂଶୋଧନ ବିଧେୟକରେ ରହିଛି। ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦ରେ କେତେକ ସଂଶୋଧନ ସହିତ ଏହି ବିଧେୟକରେ ଟ୍ରେଡ୍ ୟୁନିୟନ ଆଇନ୍ ୧୯୨୬, ଶିଳ୍ପ ନିଯୁକ୍ତି ଅଧିନିୟମ ୧୯୪୬ ଏବଂ ଶିଳ୍ପ ବିବାଦ ଅଧିନିୟମ ୧୯୪୭ ବଦଳରେ ନୂତନ ସଂହିତା ୨୦୨୦ ପ୍ରଚଳନ କରାଯାଇଛି। ନୂଆ ଶ୍ରମ ସଂହିତା ଶ୍ରମିକମାନଙ୍କ ଉପକାର କରିବ ବୋଲି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି ।

## ପଙ୍କୋଦ୍ଧାର ଏକାଦଶୀ

ପଙ୍କୋଦ୍ଧାର ଏକାଦଶୀ ଅବସରରେ ଆଜି ପୁରୀ ଶ୍ରୀଶ୍ରୀଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନ ଅନୁଷ୍ଠିତ ହେଉଛି। ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀ ଶ୍ରୀ ଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନର ସୌଭାଗ୍ୟ ଆଜି ପ୍ରାପ୍ତ ହେଉଥିବା ହେତୁ ଭକ୍ତଙ୍କ ସମାଗମ ହୋଇଛି ।

ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ନୈବେଦ୍ୟ ସମେତ ପଙ୍କକୁ ଶିବରାତ୍ରୀ ପୂର୍ବରୁ କଢ଼ାଯିବ। ପଙ୍କୋଦ୍ଧାର ପରେ ମହାସ୍ନାନ କରାଯାଇ ସର୍ବସାଧାରଣଙ୍କ ପାଇଁ ଶିବଲିଙ୍ଗ ଦର୍ଶନ ଅନୁଷ୍ଠିତ ହେଉଛି। ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ସହ ସ୍ୱତନ୍ତ୍ର ବାରିକେଡ୍ ନିର୍ମାଣ କରାଯାଇଛି।

## ପରଲୋକ

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କର ଆଜି ୮୬ ବର୍ଷ ବୟସରେ ପରଲୋକ ଘଟିଛି। ପି.ଭି. ନରସିଂହା ରାଓଙ୍କ ସରକାରରେ ସେ ପ୍ରଥମେ କୃଷି ରାଷ୍ଟ୍ରମନ୍ତ୍ରୀ  ଏବଂ ପରେ ରେଳବାଇ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୮୮ ରୁ ୧୯୯୪ ମସିହା ପର୍ଯ୍ୟନ୍ତ ସେ ରାଜ୍ୟସଭାର ସଦସ୍ୟ ଥିଲେ। ଚୌଦ୍ୱାର ନିର୍ବାଚନ ମଣ୍ଡଳୀରୁ ସେ ୪ ଥର ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଓଡ଼ିଶା ସରକାରଙ୍କର ବିଭିନ୍ନ

ବିଭାଗରେ ସେ ମନ୍ତ୍ରୀ ଭାବେ କାର୍ଯ୍ୟ କରିବା ସହ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି ।

କାହ୍ନୁଲେଙ୍କାଙ୍କ ପାର୍ଥିବ ଶରୀରକୁ ବିଧାନସଭା, କଂଗ୍ରେସ ଭବନ ଓ ତାଙ୍କ ପୈତୃକ ଗାଁ ଅରଡକୁ ନିଆଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି ।

# ଆଜି ବିଶ୍ୱ ରେଡ଼ିଓ ଦିବସ

ସମାଜର ବିକାଶରେ ରେଡ଼ିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ବିଶ୍ୱର ସବୁଠାରୁ ବଡ଼ ଗଣମାଧ୍ୟମ ହିସାବରେ ଆଜି ମଧ୍ୟ ରେଡିଓର ଲୋକପ୍ରିୟତା ଅତୁଟ ରହିଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି "ରେଡିଓ ଏବଂ କୃତ୍ରିମ ବୁଦ୍ଧିମତ୍ତା : ଏଆଇ ସ୍ୱର ନୁହେଁ ଏକ ଉପକରଣ।"

ରେଡିଓ ଦିବସ ଅବସରରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ଉପସ୍ଥାପନା.....

ରେଡିଓ କେବଳ ସମ୍ବାଦ ପ୍ରସାରଣର ମାଧ୍ୟମ ନୁହେଁ, ଏହା ଭାବନାର ସେତୁ ଓ ସ୍ୱରର ଯାଦୁ। ରେଡିଓ କଥା କହିବାର ଶୈଳୀ, ଶୁଣିବାର ଧୈର୍ଯ୍ୟ

ଏବଂ ଲୋକଙ୍କ ସହ ଯୋଡ଼ିବାର ଦାୟିତ୍ୱ ନିର୍ବାହ କରିଥାଏ। ଶିକ୍ଷାର ପ୍ରଚାର-ପ୍ରସାରଠାରୁ ଆରମ୍ଭ କରି ସମାଜରେ ଜନସଚେତନତା ସୃଷ୍ଟି ଓ ଲୋକଙ୍କ ମନୋରଞ୍ଜନରେ ରେଡିଓର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନର ଡିଜିଟାଲ ଯୁଗରେ ମଧ ଏହା ଯୋଗାଯୋଗର ହୃଦ୍‌ସ୍ପନ୍ଦନ ଭାବେ କାର୍ଯ୍ୟ କରିଆସୁଛି। ବର୍ଷବର୍ଷ ଧରି ସମୟୋଚିତ ସୂଚନା ପ୍ରଦାନ, ପ୍ରତିଭାର ବିକାଶ ଏବଂ ସୃଜନଶୀଳତାକୁ ଲୋକଲୋଚନକୁ ଆଣିବାର ଏକ ଲୋକପ୍ରିୟ ମାଧ୍ୟମ ଭାବେ ନିରନ୍ତର ପ୍ରୟାସ ଜାରି ରଖିଛି। ସମାଜର କୋଣ-ଅନୁକୋଣରେ ରହୁଥିବା ଶ୍ରୋତାଙ୍କ ପାଖରେ ରେଡିଓ ବିଭିନ୍ନ ସ୍ତରର ଖବର ପହଞ୍ଚାଇଥାଏ।

ପ୍ରଥମ ରେଡିଓ ପ୍ରସାରଣ ୧୮୯୫ ମସିହାରେ ଗୁଗ୍‌ଲିଏଲୋ ମାର୍କୋନିଙ୍କ ଦ୍ୱାରା କରାଯାଇଥିଲା । ପ୍ରାୟ ୩ ଦଶନ୍ଧି ପରେ ପୃଥିବୀର କୋଣଅନୁକୋଣରେ ରେଡିଓ କେନ୍ଦ୍ରଗୁଡ଼ିକର ସୃଷ୍ଟି ହେଲା । ୧୯୫୦ ଦଶକ ମଧ୍ୟରେ ରେଡିଓ ଓ ପ୍ରସାରଣ ବ୍ୟବସ୍ଥା ଏକ ସାଧାରଣ ଯୋଗାଯୋଗ ବ୍ୟବସ୍ଥାରେ ପରିଣତ ହୋଇପାରିଥିଲା। ୨୦୧୧ ମସିହାରେ ୟୁନେସ୍କୋର ସଦସ୍ୟ ରାଷ୍ଟ୍ରମାନେ ଫେବୃୟାରୀ ୧୩ ତାରିଖକୁ ବିଶ୍ୱ ରେଡିଓ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ ।

ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୨୦୧୩ରେ ରେଡିଓ ଦିବସକୁ ଏକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରାଯାଇଥିଲା। ଭାରତର ପ୍ରାୟ ୯୯ ପ୍ରତିଶତ ଲୋକଙ୍କ ପାଖରେ ବିଭିନ୍ନ ଭାଷା ଓ ଉପଭାଷାରେ

ଆକାଶବାଣୀ ପହଞ୍ଚୁଛି । ବର୍ତ୍ତମାନ ଦେଶବ୍ୟାପୀ ୫୨୮ରୁ ଉର୍ଦ୍ଧ୍ୱ ଗୋଷ୍ଠି ବେତାର କେନ୍ଦ୍ର ତୃଣମୂଳସ୍ତରରେ କାର୍ଯ୍ୟକରି ଲୋକଙ୍କ ସ୍ୱରକୁ ଆହୁରି ଶାଣିତ କରୁଛି ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ବିଶ୍ୱ ରେଡିଓ ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ରେଡିଓ ସହ ଜଡିତ ସମସ୍ତ ଲୋକଙ୍କ ପ୍ରୟାସକୁ ସ୍ୱିକାର କରିବାର ଆଜି ଏକ ସ୍ୱତନ୍ତ୍ର ଦିନ । ମନ୍ କୀ ବାତ୍ ମାଧ୍ୟମରେ ଲୋକଙ୍କ ସାମାଜିକ ଶକ୍ତିକୁ ସମସ୍ତଙ୍କ ସମ୍ମୁଖକୁ ଆଣିବାରେ ରେଡିଓର ଅବଦାନ ଅତୁଳନୀୟ ।

କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର **ଏଲ୍.ମୁରୁଗନ୍** ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ସାଧାରଣ ଲୋକଙ୍କ ପାଖରେ ସୂଚନା ପହଞ୍ଚାଇବାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଏହି ଅବସରରେ ଶ୍ରୀ ମୁରୁଗନ ରେଡିଓ ସହ ତାଙ୍କର ଜଡିତ ସ୍ମୃତିକୁ ମନେ ପକାଇଛନ୍ତି ।

ପରିବର୍ତ୍ତିତ ପରିବେଶରେ ରେଡିଓ ସମ୍ବାଦ ଏବଂ ମନୋରଂଜନଧର୍ମୀ କାର୍ଯ୍ୟକ୍ରମଗୁଡ଼ିକ ଏବେବି ଲୋକପ୍ରିୟତା ବଜାୟ ରଖିଛି ।

***ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ***

## ଅନୁ ଗର୍ଗ

ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପକୁ ନେଇ ଅର୍ଥନୈତିକ ଜୋନ୍ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି । ପାରାଦ୍ୱୀପଠାରେ ଆଜି ବ୍ଲୁ-ଫ୍ଲାଗ୍ ବିଚ୍‌ର ସମୀକ୍ଷା କରି ଶ୍ରୀମତୀ ଗର୍ଗ କହିଛନ୍ତି, ଦୀର୍ଘ ୭ କିଲୋମିଟର ବେଳାଭୂମିର ବିକାଶ କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ

କରିବା ପାଇଁ ଉନ୍ନତୀକରଣ ପ୍ରକଳ୍ପ ନିର୍ମାଣ କରାଯିବ। ୨୦୪୭ ମସିହା ସୁଦ୍ଧା ଏହି ଅର୍ଥନୈତିକ ଜୋନ୍‌ରୁ ୩୩ ପ୍ରତିଶତ ରାଜସ୍ୱ ଆଦାୟ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

## ଜଳସେଚନ ପ୍ରକଳ୍ପ

**ଢେଙ୍କାନାଳ** ଜିଲ୍ଲା ଲଣ୍ଡାବିରି ଜଳସେଚନ ପ୍ରକଳ୍ପ ପାଇଁ ପ୍ରାଥମିକ ନିରୀକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲାର ପରଜଙ୍ଗ ବ୍ଲକ୍ ସାଆଁଦା ଅଂଚଳରେ ପେଜଖାଇ ଓ କେଞ୍ଜୁଡି ପାହାଡକୁ ସଂଯୋଗ କରି ଲଣ୍ଡାବିରି ଜଳସେଚନ ପ୍ରକଳ୍ପ ନିର୍ମାଣକୁ ରାଜ୍ୟ ସରକାର ଅନୁମୋଦନ ଦେବା ପରେ ଏହି ନିରୀକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି।

## ବାଲ୍ୟବିବାହ ସଚେତନତା

**ନୟାଗଡ଼**ରେ ବାଲ୍ୟବିବାହ ମୁକ୍ତି ରଥ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସରକାର ଦେଶକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରୁଥିବାବେଳେ ନୟାଗଡ଼ର ଗଣିଆ ଉନ୍ନୟନ କମିଟି ଦ୍ୱାରା ଏକ ବାଲ୍ୟବିବାହ ମୁକ୍ତି ରଥକୁ ଜିଲ୍ଲାପାଳ ମଧୁମିତା ରଥ ଉଦ୍‌ଘାଟନ କରିଛନ୍ତି। ମୁକ୍ତି ରଥ ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରି ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରୁଛି।

**ନୂଆପଡା**ରେ ବାଲ୍ୟବିବାହମୁକ୍ତ ଭାରତ ଓ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପ୍ରକ୍ରିୟା ଅଧିନିୟମ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।

## ଜଙ୍ଗଲ ପ୍ରବେଶ ନିଷେଧ

ହାତୀଙ୍କ ସମେତ ଅନ୍ୟ ବନ୍ୟପ୍ରାଣୀ ରହୁଥିବା **ଢେଙ୍କାନାଳ** ଜିଲ୍ଲା ସଂରକ୍ଷିତ ଜଙ୍ଗଲ ଅଂଚଳରେ ପ୍ରବେଶ ନିଷେଧ ପାଇଁ ବନବିଭାଗ ପକ୍ଷରୁ ସତର୍କ ସୂଚନା ଫଳକ ଲଗାଯିବ। ଜନସାଧାରଣଙ୍କୁ ସଂରକ୍ଷିତ ଜଙ୍ଗଲକୁ ପ୍ରବେଶ ନ କରିବା ପାଇଁ ବନବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଥିବା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

## ସେବା ଶିବିର

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରି ବ୍ଲକ୍ ନାଆଁମୀ ମହାବିଦ୍ୟାଳୟରେ ୭ ଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ ହୋଇଯାଇଛି। ସ୍ୱେଚ୍ଛାସେବୀମାନେ ସ୍ୱଚ୍ଛ ଭାରତ ଅଭିଯାନରେ ଅଂଶଗ୍ରହଣ କରି ଆଖପାଖ ଅଞ୍ଚଳରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମକୁ ସଫଳତାର ସହ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## +୨ ପ୍ରଶ୍ନପତ୍ର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ । ପରିଷଦ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଆଜିଠାରୁ ୩୦ଟି ଜିଲ୍ଲାର ପରୀକ୍ଷା ପରିଚାଳନା ହବ୍‌କୁ ପ୍ରଶ୍ନପତ୍ର ପଠାଯାଉଛି। କଡ଼ା ସୁରକ୍ଷା ଦୃଷ୍ଟିରୁ ଚଳିତବର୍ଷ ପ୍ରଶ୍ନପତ୍ର ନେବା ନିମନ୍ତେ ଗାଡ଼ିରେ ଜିପିଏସ୍ ଲଗାଯାଇଛି।